## ସଂକ୍ଷେପରେ

### ସାଇକେଲରୁ ଟଙ୍କା ବ୍ୟାଗ ଦୁର୍ବୃତ୍ତ ନେଇଗଲେ

**ରାଜନଗର,୭।୨(ଡି.ଏନ.ଏ.):** ରାଜନଗର ଥାନା ଅନ୍ତର୍ଗତ କୁଶାଇଲୋ ଗାଁର କମଳ ଲୋଚନ ବିଶ୍ୱାଳ ଏସ୍‌ବିଆଇ ଶାଖାରୁ ୪୦ ହଜାର ଟଙ୍କା ଉଠାଇଥିଲେ। ଏହାକୁ ବ୍ୟାଗ୍‌ରେ ରଖି ସାଇକେଲରେ ଟାଙ୍ଗିଥିଲେ। ରାଜନଗର ବଜାର ଉପରେ ଥିବା ହାଟ ଗଳିରେ ଏକ ରାଶନ ଦୋକାନରୁ ଜିନିଷ କୁଣୁଥିଲେ। ହଠାତ୍ ଦୁର୍ବୃତ୍ତମାନେ ଆସି ସାଇକେଲରୁ ଟଙ୍କା ବ୍ୟାଗ୍ ଝାମ୍ପିନେଇ ଦୌଡ଼ି ପଳାଇଥିଲେ। ଦୋକାନରୁ ରାଶନ ସାମଗ୍ରୀ କିଣି ସାଇକେଲ ନିକଟରେ ପହଞ୍ଚି ବ୍ୟକ୍ତି ଜଣଙ୍କ ବ୍ୟାଗ୍ ନ ଥିବା ଦେଖି ପାଟି କରିଥିଲେ। ଏ ନେଇ ସେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପଞ୍ଚାୟତ ବିଜେଡି ସଭାପତି ନିଲମ୍ବିତ

**ବାଲିକୁଦା,୭।୨(ସ୍ୱ.ପ୍ର.):** ତିତିରା ପୂର୍ବତନ ସରପଞ୍ଚ ତଥା ପଞ୍ଚାୟତ ବିଜେଡି ସଭାପତି ଅଜୟ ମହାନ୍ତିଙ୍କୁ ସୋମବାର ଦଳରୁ ନିଲମ୍ବିତ କରାଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ଏକ ପ୍ରେସ ରିଲିଜ ଜରିଆରେ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। କିଛି ଦିନ ମଧ୍ୟରେ ନାୟକ ୫ ଜଣ କର୍ମକର୍ତ୍ତାଙ୍କୁ ଦଳରୁ ନିଲମ୍ବିତ କରିଥିବା ଜଣାପଡିଛି।

### କମେଣ୍ଟମରାକୁ କେନ୍ଦ୍ରକରି ଗଣ୍ଡଗୋଳ: ୨ ଆହତ

**ଡେରାବିଶ,୭।୨(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅଧୀନ ଦକ୍ଷୀଣପାରି ଗାଁରେ ରବିବାର ରାତିରେ କମେଣ୍ଟମରାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟପକ୍ଷରୁ ଦୁଇଜଣ ଆହତ ହୋଇଛନ୍ତି। ଏ ନେଇ ସଦର ଥାନାରେ ପୃଥକ ଭାବେ ଅଭିଯୋଗ କରାଯାଇଛି। ଗ୍ରାମର ଅରୁଣ ଜେନା ତାଙ୍କ ସ୍ତ୍ରୀ ସୌଭାଗିନୀ ସ୍ୱାଇଁଙ୍କୁ ନେଇ ହୁରାସାହି ଯାଉଥିଲେ। ବାଟରେ ବାରିକସାହି ଛକ ନିକଟରେ ସୁଶୀଲ ତ୍ରିପାଠୀ ଓ ଅନ୍ୟ କେତେଜଣ ଯୁବକ ସୌଭାଗିନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସୁନା ଚେନ୍ ଛଡ଼ାଇ ନେଇ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ତାଙ୍କ ସ୍ୱାମୀ ଅରୁଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗରେ ସୌଭାଗିନୀ ଦର୍ଶାଇଛନ୍ତି। ଅପରପକ୍ଷରେ ଦକ୍ଷୀଣପାରି ଗାଁର ଅଭିଯୋଗକାରୀ ରାକେଶ ତ୍ରିପାଠୀ ଅଭିଯୋଗ ଅନୁସାରେ ଅରୁଣଙ୍କ ସହ କମେଣ୍ଟମରାକୁ କେନ୍ଦ୍ରକରି ଯୁକ୍ତିତର୍କ ହୋଇଥିଲା। ପରେ ସେହି ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ କହିଛନ୍ତି।

### ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ପାରାଦୀପ,୭।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମୋହରିଗିରିର ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ମୃତ୍ୟୁ ଘଟିଥିଲା। ତାଙ୍କ ଅକାଳ ବିୟୋଗରେ ସୋମବାର ପାରାଦୀପର ନୂଆବଜାରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ଗାୟିକା ଲତା ମଙ୍ଗେସକର, ଗାୟକ ଡ.ଦାମୋଦର ହୋତାଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ଶୁକଦେବ ଜେନା, ରାମଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ,ସଞ୍ଜୟ କୁମାର ମିଶ୍ର, ଜଗବନ୍ଧୁ ସ୍ୱାଇଁ, ସ୍ୱାଧୀନଚେତା ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗଡ଼ ରକ୍ଷା କରିବାକୁ ବିଜେଡିର ଉଦ୍ୟମ

**ଜଗତ୍‌ସିଂହପୁର ଅଫିସ, ୭।୨**



**ବାଲିକୁଦା ଜିଲା ପରିଷଦ ୨ନଂ. ଜୋନ୍**
- ପ୍ରାର୍ଥୀଙ୍କ ଜାତିକୁ ନେଇ ଦ୍ୱନ୍ଦ୍ୱ
- ଆସନ ଛଡାଇ ନେବାକୁ ବିରୋଧୀଙ୍କ ରଣନୀତି

ଗତ ନିର୍ବାଚନରେ ବାଲିକୁଦା ବ୍ଲକ ଅଞ୍ଚଳର ୪ ଜିଲା ପରିଷଦ ଆସନ ମଧ୍ୟରୁ କେବଳ ୨ନମ୍ବର ଜୋନ୍‌ରେ ଭାଜପା ୨ୟ ସ୍ଥାନରେ ଥିଲା। ବିଜେଡି ପ୍ରାର୍ଥୀ ଭଲ ଭୋଟ ବ୍ୟବଧାନରେ ଜିତିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ଗଡ଼ ରକ୍ଷା ପାଇଁ ଉଦ୍ୟମ କରୁଥିବାବେଳେ କଂଗ୍ରେସ ଓ ଭାଜପା ନିଜ ସପକ୍ଷରେ ଆସନ ଛଡାଇ ନେବାକୁ ରଣନୀତି କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି।

ବାଲିକୁଦା ୨ନଂ. ଜୋନଟି ଗତଥର ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଏଥର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହି ଜୋନ୍ କହିଲେ ବାହାରଣା, ମୁଲୁଗାଁ, ତଣ୍ଡିକୂଳ, ଅଡ଼ଙ୍ଗା, ଅଳାଭର, ଥାଇଲୋ, ବାଲିକୁଦା ଓ ନାଗପୁର ପଞ୍ଚାୟତକୁ ବୁଝାଏ। ଗତ ନିର୍ବାଚନରେ ଜୋନ୍‌ର ଭୋଟର ସଂଖ୍ୟା ୩୪,୩୮୩ ଥିଲା। କିନ୍ତୁ ଏଥର ଅଧିକ ୨ ହଜାର ଜଣ ଯୋଡି ହୋଇଛନ୍ତି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଏହି ଜୋନ୍‌ରୁ ବିଜେଡି ପ୍ରାର୍ଥୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକଙ୍କୁ ୧୪,୧୨୭ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୪୧.୦୮% ଭୋଟ ମିଳିଥିଲା । କଂଗ୍ରେସ ପ୍ରାର୍ଥୀ ସୁଚିତ୍ରା ବେଉରାଙ୍କ ସପକ୍ଷରେ ୫,୬୧୯ ଖଣ୍ଡ, ଅର୍ଥାତ୍ ୧୬.୩୪% ଭୋଟ ଯାଇଥିଲା। ଭାଜପାର ଶୁଚିସ୍ମିତା ମହାନ୍ତିଙ୍କୁ ୬,୨୯୬ ଖଣ୍ଡ, ଅର୍ଥାତ୍ ୧୮.୩୧% ଭୋଟ ମିଳିଥିଲା। ଉକ୍ତ ନିର୍ବାଚନରେ ଭାଜପା ପ୍ରାର୍ଥୀ ମହାନ୍ତିଙ୍କଠାରୁ ବିଜେଡିର ମଲ୍ଲିକ ଅଧିକ ୭,୮୩୧ ଖଣ୍ଡ ଭୋଟ ପାଇ ଜିତିଥିଲେ। ଏହାପରେ କେଉଁଠି ତ୍ରୁଟି ରହିଲା ସେନେଇ ଭାଜପା ଓ କଂଗ୍ରେସ ନେତୃତ୍ୱ ମାନସ ମନ୍ଥନ କରିଛନ୍ତି। ଆସନ୍ତା ୧୬ ତାରିଖରେ ବାଲିକୁଦା ବ୍ଲକ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେଉଥିବାରୁ ପ୍ରମୁଖ ରାଜନୈତିକ ଦଳର ନେତାମାନେ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ବିଜେଡିରୁ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଓ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ମଙ୍ଗ ଧରିଥିବାବେଳେ ଭାଜପା ନେତୃତ୍ୱ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପୂରା ଦମ୍ ଲଗାଇଛନ୍ତି । କଂଗ୍ରେସରୁ ଶରତ କୁମାର ସାହୁ, ବିଜେଡିରୁ ଜଟାଧାରୀ ଦାସ, ଭାଜପାରୁ ରାଜେନ୍ଦ୍ର କୁମାର ପାଣି, ବିଏସ୍‌ପିରୁ ସୁଦର୍ଶନ କାଣ୍ଡି ଓ ସ୍ୱାଧୀନ ଭାବେ ବାଦଲ କୁମାର ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି।

ଭାଜପା ପ୍ରାର୍ଥୀ ପାଣି କହିଛନ୍ତି, ସେ ଏହି ଜୋନ୍‌ର ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଥିଲେ। ନିର୍ବାଚନରେ ସବୁ ପଞ୍ଚାୟତରୁ ଭଲ ଭୋଟ ମିଳିବାର ଆଶା ଥିଲେ ସୁଦ୍ଧା ନିଜ ପଞ୍ଚାୟତ ବାହାରଣା ସମେତ ଅଡ଼ଙ୍ଗା, ତଣ୍ଡିକୂଳ ଓ ଥାଇଲୋରୁ ଅଧିକ ସମର୍ଥନ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ମହାପାତ୍ର ତାଙ୍କ ସପକ୍ଷରେ ଜନମତ ଯାଉଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜେଡି ପ୍ରାର୍ଥୀ ବିରୋଧରେ ସେ କହିଛନ୍ତି, ଦାସ ହେଉଛନ୍ତି କୈବର୍ତ୍ତ ବୈଷ୍ଣବ। ଅନୁସୂଚିତ ଜାତି ଓ ଜନଜାତି ଚିଠାରେ କୈବର୍ତ୍ତ୍ୟ ବୈଷ୍ଣବଙ୍କୁ ଅନୁସୂଚିତ ଜାତି ବୋଲି ସ୍ପଷ୍ଟ କରାଯାଇନାହିଁ। ତେଣୁ ସଂରକ୍ଷଣ ଆସନରେ ତାଙ୍କ ପ୍ରାର୍ଥୀତ୍ୱ ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କିନ୍ତୁ କୌଣସି ନିରପେକ୍ଷ ନିଷ୍ପତ୍ତି ହୋଇନାହିଁ। ତେଣୁ ନିର୍ବାଚନ ପରେ ଆଇନର ଆଶ୍ରୟ ନିଆଯିବ। ଅନ୍ୟପଟେ ବିଜେଡି ଗୋଷ୍ଠୀ କନ୍ଦଳର ଭରପୂର ଫାଇଦା ନେବାକୁ କଂଗ୍ରେସ ଉଦ୍ୟମ କରୁଛି। ଜୋନ ଅଞ୍ଚଳରେ ଭଲ ସମର୍ଥନ ମିଳୁଥିଲେ ସୁଦ୍ଧା ବାଲିକୁଦା ଓ ବାହାରଣାରୁ ଅଧିକ ଭୋଟ ମିଳିବାକୁ ନେଇ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି। ବିଜେଡି ପ୍ରାର୍ଥୀ ଦାସ ତାଙ୍କ ଜାତିକୁ ନେଇ ହୋଇଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ତାଙ୍କ ଜାତି କେଉଟ ଏବଂ ଏହା ଅନୁସୂଚିତ ଜାତିର ବୋଲି କହିଛନ୍ତି। ନିର୍ବାଚନ ସମ୍ପର୍କରେ ମତ ଦେଇ କହିଛନ୍ତି, ରାଜ୍ୟ ସରକାରଙ୍କ ସଫଳତା କଥା ପହଞ୍ଚାଇ ସେ ଲୋକଙ୍କ ପ୍ରିୟଭାଜନ ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ଏକାଧିକ ପଞ୍ଚାୟତରେ ବିଜେଡି ଅସନ୍ତୁଷ୍ଟମାନେ ପ୍ରାର୍ଥୀ ହୋଇଥିଲେ ସୁଦ୍ଧା ଏହାର ପ୍ରଭାବ ଦଳ ଉପରେ ପଡିବ ନାହିଁ। ଅଡ଼ଙ୍ଗା ତାଙ୍କ ନିଜ ପଞ୍ଚାୟତ ହୋଇଥିବାରୁ ଭଲ ଭୋଟ ପାଇବେ। ଏଥିସହ ମୁଲୁଗାଁ, ତଣ୍ଡିକୂଳ, ଥାଇଲୋ ଓ ଅଳାଭରରୁ ମଧ୍ୟ ଆଶାଜନକ ଭୋଟ ମିଳିବ ବୋଲି ଦାସ କହିଛନ୍ତି।

## ଭୂଇଁପୁର ପଞ୍ଚାୟତର ଶତାଧିକ ଲୋକ ବିଜେଡିରେ ସାମିଲ

**ଆଳି, ୭।୨(ଡି.ଏନ.ଏ.)**

ଆଳି ବ୍ଲକ ଭୂଇଁପୁର ପଞ୍ଚାୟତରେ ସୋମବାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଦେବଙ୍କ କାର୍ଯ୍ୟଶୈଳୀ ଉପରେ ଆସ୍ଥା ପ୍ରକଟ କରି ଶତାଧିକ ପରିବାର କଂଗ୍ରେସ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ଦେବ ଦଳରେ ସାମିଲ ହୋଇଥିବା ନୂତନ କର୍ମୀମାନଙ୍କୁ ଦଳୀୟ ଗାମୁଛା ଦେଇ ସ୍ୱାଗତ କରିଥିଲେ। ସେମାନେ ହେଲେ ପଞ୍ଚାୟତର ପାରେଶ୍ୱର ଦାସ, ଅଜୟ ଦାସ, ଅଜୟ ସାହୁ, ଶ୍ରୀକାନ୍ତ ଦାସ, ଶରତ ଦାସ, ଅମୂଲ୍ୟ ବେହେରା, ବିଜୟ ବେହେରା, ଅକ୍ଷୟ ବେହେରା, ପର୍ଶୁରାମ ବେହେରା, ସୁଧୀର ବେହେରା, କାଳନ୍ଦୀ ବୋଇତି, ରବୀନ୍ଦ୍ର ପାଣ୍ଡବ, ଅରୁଣ ଦାସ, ପ୍ରିୟରଞ୍ଜନ ଦାସ, ଦୀପକ ଦାସ, ଜଗବନ୍ଧୁ ବାରିକ, ଗୟାଧର ବାରିକ, ସରୋଜ ସାହୁ। ଦେବ ନିଜ ବକ୍ତବ୍ୟରେ କହିଥିଲେ, ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସବୁ ସମୟରେ ରାଜ୍ୟବାସୀଙ୍କ ହିତରେ ରହିଛନ୍ତି। ବିଜେଡି କାର୍ଯ୍ୟରେ ବିଶ୍ୱାସ କରେ। ଗାଁ ଗାଁର ବିକାଶ ଦାୟିତ୍ୱ ଯେପରି ମୁଖ୍ୟମନ୍ତ୍ରୀ ଚିନ୍ତା କରୁଛନ୍ତି ସେହିଭଳି ଭାବେ ମହିଳାମାନଙ୍କୁ ମଧ୍ୟ ସ୍ୱାବଲମ୍ବୀ ନିମନ୍ତେ ଯୋଜନା କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ମହାମାରୀ କରୋନା ପ୍ରତିଟି ବିପଦକୁ ସେ ସାମ୍ନା କରି ରାଜ୍ୟବାସୀଙ୍କ କଥା ଆଗ ଚିନ୍ତା କରିଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଭୋଟ ଦେଇ ପ୍ରାର୍ଥୀମାନଙ୍କୁ ଜିତାଇବାକୁ ସେ ଭୋଟରଙ୍କୁ ନିବେଦନ କରିଥିଲେ।

# ପାନବରଜ ମାପଚୁପ, ଭଙ୍ଗା କାର୍ଯ୍ୟ ଶେଷ



ଜଣେ ହିତାଧିକାରୀଙ୍କ ପାନବରଜ ଉଚ୍ଛେଦ କରାଯାଉଛି।

**କୁଜଙ୍ଗ,୭।୨(ଡିଏନ୍ଏ)**

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ପାନବରଜ ମାପ ଚୁପ ଓ ଭଙ୍ଗା କାର୍ଯ୍ୟ ସୋମବାର ଶେଷ ହୋଇଛି। ଗତ ୨୦୨୧ ଡିସେମ୍ବର ୨୨ରୁ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗାଁର ରଞ୍ଜନ ବେହେରାଙ୍କ ପାନବରଜରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ପର୍ଯ୍ୟାୟକ୍ରମେ ପାଟଣା ଓ ମାହାଳ ଗାଁରେ ଭଙ୍ଗା ଯାଇଥିଲା। ଶେଷରେ ବିରୋଧୀ ଗଡ଼ ରୂପେ ପରିଚିତ ଢିଙ୍କିଆ ଗାଁରେ ଉଚ୍ଛେଦ କରାଯାଇଥିଲା। ଏହି ଗାଁରେ ସର୍ବାଧିକ ୨୭୨ ଜଣ ହିତାଧିକାରୀଙ୍କ ପାନବରଜ ମାପଚୁପ କରାଯାଇଥିଲା ବେଳେ ୨୬୧ଟି ଭଙ୍ଗାଯାଇଛି। ୨୧୮ ଜଣଙ୍କୁ କ୍ଷତିପୂରଣ ରାଶି ଦିଆଯାଇଛି। ଗୋବିନ୍ଦପୁର ଗାଁରେ ୯୬ ପାନବରଜ ଭଙ୍ଗାଯାଇ ୯୨ ଜଣଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ମାହାଳ ଗାଁରେ ୨୫୧ଟି ଭଙ୍ଗା ଯାଇଥିବାବେଳେ ୨୩୯ ଜଣ କ୍ଷତିପୂରଣ ପାଇଛନ୍ତି। ପାଟଣା ଗାଁର ୨୧୪ ହିତାଧିକାରୀଙ୍କ ପାନ ବରଜ ଭଙ୍ଗାଯାଇ ୧୯୦ ଜଣଙ୍କୁ କ୍ଷତିପୂରଣ ରାଶି ଦିଆଯାଇଛି। ଢିଙ୍କିଆ ପଞ୍ଚାୟତରେ ମୋଟ୍ ୮୬୦ ଜଣ ହିତାଧିକାରୀଙ୍କ ପାନବରଜ ମାପଚୁପ କରାଯାଇଥିବା ବେଳେ ସେଥିରୁ ୮୨୨ଟି ଭଙ୍ଗାଯାଇଛି। ଏବେ ସୁଦ୍ଧା ସମୁଦାୟ ୭୫୭ ଜଣ ହିତାଧିକାରୀଙ୍କୁ କ୍ଷତିପୂରଣ ବାବଦରେ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ତେବେ ଏହି ପଞ୍ଚାୟତର ଢିଙ୍କିଆ ଗାଁରେ କିଛି ପାନ ବରଜ ମାପଚୁପ ନେଇ ବିବାଦଥିବାରୁ ସେଗୁଡ଼ିକୁ ବାଦ୍ ଦିଆଯାଇଛି। ପରବର୍ତ୍ତୀ ସମୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏ ନେଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

# ରାଜ୍ୟପାଳଙ୍କୁ ପରମେଶ୍ୱରଙ୍କ ଇଚ୍ଛାମୃତ୍ୟୁ ପାଇଁ ଆବେଦନ

**କେନ୍ଦ୍ରାପଡ଼ା ଅଫିସ,୭।୨**

**ଭୁଲ୍ ଚିକିତ୍ସାର ପରିଣତି**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଗୋବିନ୍ଦପୁର ଗ୍ରାମର ଅମୂଲ୍ୟ କୁମାର ରାଉତଙ୍କ ପୁଅ ପରମେଶ୍ୱର (୨୮) ରାଜ୍ୟପାଳଙ୍କୁ ଇଚ୍ଛାମୃତ୍ୟୁ ପାଇଁ ସୋମବାର ଆବେଦନପତ୍ର ଦେଇଛନ୍ତି। ଏକ ଘରୋଇ ହସ୍ପିଟାଲର ଚିକିତ୍ସା ପାଇଁ ତାଙ୍କର ଜୀବନ ଦୁର୍ବିଷହ ହୋଇଥିବା ସେ ଏହି ଆବେଦନପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନା ସହ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମାନସିକ ଅଶାନ୍ତି ବଢୁଛି। ଶଯ୍ୟାଶାୟୀ ହୋଇ ରହିବାକୁ ଇଚ୍ଛା ନ ଥିବା ଏଥିରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବାପା ଅମୂଲ୍ୟ କହିଛନ୍ତି, ୨୦୨୧ ମେ ୧୬ରେ ପରମେଶ୍ୱର ପାହାଚରୁ ତଳେ ପଡ଼ିବାରୁ ଗୋଡ଼ରେ ଯନ୍ତ୍ରଣା ହୋଇଥିଲା। ୧୭ ତାରିଖରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲ ନେବା ପରେ ଡାକ୍ତରମାନେ ଏମ୍ଆର୍‌ଆଇ ପାଇଁ ପରାମର୍ଶ ଦେଇଥିଲେ। ନିକଟସ୍ଥ ଏକ ହସ୍ପିଟାଲରୁ ଟେଷ୍ଟ ପରେ ଆଣ୍ଠୁରେ ଆଣ୍ଟେରିଅର କ୍ରୁସିଏଟ ଲିଗାମେଣ୍ଟ (ଏସିଏଲ୍) ଅପରେଶନ ଆବଶ୍ୟକ ବୋଲି ସୂଚନା ମିଳିଥିଲା। ୨୨ ତାରିଖରେ ରିପୋର୍ଟ ସହ ସେହି ହସ୍ପିଟାଲରେ ଆଡମିଶନ ପରେ କର୍ତ୍ତୃପକ୍ଷ ରିପୋର୍ଟ ଭୁଲ୍ ଦର୍ଶାଇଥିଲେ। ଏପରିକି ଏସିଏଲ୍ ସହିତ ମେଡିଆଲ କୋଲାଟେରାଲ ଲିଗାମେଣ୍ଟ (ଏମ୍‌ସିଏଲ୍) ଅପରେଶନ ହେବ ବୋଲି ଉକ୍ତ ହସ୍ପିଟାଲରେ ପରୀକ୍ଷା ପରେ କହିଥିଲେ। ଏଥିପାଇଁ ଆବଶ୍ୟକ ଟଙ୍କା ନେଇ ଅପରେଶନ କରିଥିଲେ ମଧ୍ୟ ଜଂଘରୁ ଏକ ପିନ୍ ବାହାର କରାଯାଇ ନ ଥିଲା। ଏହି ପିନ୍ ପାଇଁ ଯନ୍ତ୍ରଣା ହେବାରୁ ଅନ୍ୟ ଡାକ୍ତରଖାନାରେ ପରାମର୍ଶ ପରେ ତାହାକୁ ବାହାର କରାଯାଇଛି। ହେଲେ ଯନ୍ତ୍ରଣା ଏବେବି ଅବ୍ୟାହତ ରହିଛି। ହସ୍ପିଟାଲରୁ ଆସିବା ପରେ ଚଳତକ୍ଷମ ଅବସ୍ଥାକୁ ଆସିନାହାନ୍ତି। ଉକ୍ତ ହସ୍ପିଟାଲର ଭୁଲ୍ ଚିକିତ୍ସା ପାଇଁ ପରମେଶ୍ୱରଙ୍କ ଜୀବନ ଦୁର୍ବିଷହ ହୋଇଥିବା ଅମୂଲ୍ୟ କହିଛନ୍ତି। ଆର୍ଥିକ ଶୋଷଣ ପରେ ଭୁଲ୍ ଚିକିତ୍ସା କରିଥିବାରୁ ଏ ନେଇ ଭୁବନେଶ୍ୱରସ୍ଥିତ ଭରତପୁର ଥାନା ସହ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ସେ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପରମେଶ୍ୱର ଏପରି ଆବେଦନପତ୍ର ଦେଇଥିବା ସେ ପ୍ରକାଶ କରିଛନ୍ତି।



ପରମେଶ୍ୱର ରାଉତ ଘରେ ଶଯ୍ୟାରେ ପଡି ରହିଛନ୍ତି।

## ଭଲିବଲ୍ ଟୁର୍ନାମେଣ୍ଟ, ମୁଗୁପାଳ ଚାମ୍ପିୟନ

**ଧର୍ମଶାଳା,୭।୨(ଡି.ଏନ୍.ଏ.)**

ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ପ୍ରଗତୀ କ୍ଲବ ମୁଗୁପାଳ ୨-୧ ସେଟ୍‌ରେ ପାୱାର କ୍ଲବ ଜନକକୁ ହରାଇ ଚାମ୍ପିୟାନ ହୋଇଛି। ଏହି ଟୁର୍ନାମେଣ୍ଟରେ ଆୟୋଜକ ଧର୍ମଶାଳା ଟିମ୍ ସମେତ ମୁଗୁପାଳ, ଜନକ, ଦର୍ପଣ ଟିମ୍ ଅଂଶ ଗ୍ରହଣ କରିଥିଲେ। ଅମରେନ୍ଦ୍ର ସାହୁ ଓ ଶୁଭାଶିଷ ଦଣ୍ଡପାଟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି, ଯୁବ ସଙ୍ଗଠକ ସୁଦୀପ୍ତ ସ୍ୱାଇଁ ଓ କ୍ଷୀରୋଦ ମୁଦୁଲି, କ୍ରୀଡ଼ାବିତ ଆଲୋକ କୁମାର କର ଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଚମଡ଼ା ବୋଝେଇ ଟ୍ରକ୍ ଜବତ

**ଭଣ୍ଡାରିପୋଖରୀ, ୭।୨(ଡି.ଏନ.ଏ.)**- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ ବେଳେ ରବିବାର ରାତିରେ ଏକ ଚମଡ଼ା ବୋଝେଇ ଟ୍ରକ୍ ଜବତ କରିଛି। ସୂଚନା ଅନୁଯାୟୀ, ଟ୍ରକ୍‌ଟି କଟକ ପଟୁ ଚମଡ଼ା ବୋଝେଇ କରି କଲିକତା ଅଭିମୁଖେ ଯାଉଥିଲା। ଖବର ପାଇ ତୋରତ ପୋଲ ସ୍ଥିତ ପୋଲିସ ନାକା ପୋଷ୍ଟ ନିକଟରେ ଅଟକାଯାଇ ଯାଞ୍ଚ କରାଯାଇଥିଲା। ଥାନାଧିକାରୀ ଅମିତାଭ ଦାସ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୪୨/୨୨) ରୁଜୁ କରି ଟ୍ରକ୍ ଚାଳକଙ୍କୁ ନୋଟିସ୍ କରି ଛାଡ଼ି ଦିଆଯାଇଛି।

# ପ୍ରତି ବ୍ଲକରେ ୨ ମହିଳା ବୁଥ୍

**ଯାଜପୁର ଅଫିସ/ ଯାଜପୁର ସଦର(ଡି.ଏନ୍.ଏ.),୭।୨**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାର ୧୦ ବ୍ଲକ୍‌ରେ ୨ଟି ସ୍ୱତନ୍ତ୍ର ମହିଳା ବୁଥ୍ ଖୋଲାଯିବାର ଯୋଜନା କରାଯାଇଛି। ମହିଳା କର୍ମଚାରୀମାନେ ହିଁ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଓ ପୁଲିଂ ଅଫିସର ଭାବେ ଦାୟିତ୍ୱ ତୁଲାଇବେ। ଅଧିକରୁ ଅଧିକ ମହିଳା ଭୋଟର ଯେଭଳି ଭୋଟ୍ ଦେବା ପାଇଁ ଆଗେଇ ଆସିବେ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି। ଜିଲାର ବରୀ ବ୍ଲକ୍ ଅଧୀନ ଅଲ୍ଲୀପୁର ପଞ୍ଚାୟତର ୮ନଂ. ବୁଥ୍ ପାଇଁ ଅଲ୍ଲୀପୁର ପ୍ରାଇମେରୀ ସ୍କୁଲ୍ ଓ ୧୨ ନଂ. ବୁଥ୍ ପାଇଁ ଅଲ୍ଲୀପୁର ପଞ୍ଚାୟତ ଅଫିସ୍, ଦଶରଥପୁର ବ୍ଲକ୍ ୧୦ନଂ. ବୁଥ୍ ପାଇଁ ପ୍ରଭାତପୁର ପ୍ରାଇମେରୀ ସ୍କୁଲ୍ ଓ ୪ନଂ. ବୁଥ୍ ପାଇଁ ଈଶ୍ୱରପୁର ୟୁଜିଏମ୍‌ଇ ସ୍କୁଲ୍, କୋରେଇ ବ୍ଲକ୍ ସାଦକପୁର ପଞ୍ଚାୟତର ୧୨ନଂ. ବୁଥ୍ ପାଇଁ ବଟିରା ପ୍ରାଇମେରୀ ସ୍କୁଲ୍ ଓ ୧୩ ନଂ. ବୁଥ୍ ଲାଗି ପଶ୍ଚିମ ବଟିରା ପ୍ରାଇମେରୀ ସ୍କୁଲ୍, ରସୁଲପୁର ବ୍ଲକ ରସୁଲପୁର ପଞ୍ଚାୟତର ୧୭ ନଂ. ଓ ୧୮ ନଂ. ବୁଥ୍ ନିମନ୍ତେ ବନଦୁର୍ଗା ନୋଡ଼ାଲ୍ ୟୁପି ସ୍କୁଲ୍, ବଡ଼ଚଣା ବ୍ଲକ୍‌ର ଖଇରା ପଞ୍ଚାୟତର ୧ନଂ. ଓ ୨ନଂ. ବୁଥ୍ ପାଇଁ ଇରଜାତନ୍ ପ୍ରାଇମେରୀ ସ୍କୁଲ୍, ଦାନଗଦୀ ବ୍ଲକ୍‌ର ତ୍ରିଜଙ୍ଗା ପଞ୍ଚାୟତର ୯ନଂ. ଓ ୧୦ନଂ. ବୁଥ୍ ନିମନ୍ତେ ଦାନଗଦୀ ପ୍ରାଇମେରୀ ସ୍କୁଲ୍, ଯାଜପୁର ବ୍ଲକ୍ ବିଚିତ୍ରପୁର ପଞ୍ଚାୟତର ୨ନଂ. ଓ ୮ନଂ. ବୁଥ୍ ପାଇଁ ବାଣପୁର ପ୍ରାଇମେରୀ ସ୍କୁଲ, ଧର୍ମଶାଳା ବ୍ଲକ୍‌ର ଜାରକା ପଞ୍ଚାୟତର ୨ନଂ. ଓ ୩ନଂ. ବୁଥ୍ ପାଇଁ ଜାରକା ପ୍ରାଇମେରୀ ସ୍କୁଲ୍, ସୁକିନ୍ଦା ବ୍ଲକ୍‌ର ଆମ୍ପଲୋବା ପଞ୍ଚାୟତର ୫ନଂ. ଓ ୬ନଂ. ବୁଥ୍ ପାଇଁ ବ୍ଲକ୍ କଲୋନୀ, ବିଞ୍ଝାରପୁର ବ୍ଲକ୍‌ର ମାଁସଡ଼ା ପଞ୍ଚାୟତର ୫ନଂ. ଓ ୬ନଂ. ବୁଥ୍ ପାଇଁ ଗୌଡ଼ସାହି ୟୁଜିଏମ୍‌ଇ ସ୍କୁଲ୍ ସାମିଲ ହୋଇଛି। ଏହି ମହିଳା ବୁଥ୍ ଗୁଡ଼ିକରେ ୪ଜଣ ଲେଖାଏ ମହିଳା କର୍ମଚାରୀ ନିୟୋଜିତ ହେବେ। ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ହେବ ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜଣାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ୩୦ ନମ୍ବର ଜୋନ ସିମିଳିଆ ପଞ୍ଚାୟତର ଚିତାହଟାରେ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ହୋଇଥିବା ସ୍ୱତନ୍ତ୍ର ମହିଳା ବୁଥ୍ ଚର୍ଚ୍ଚାକୁ ଆସିଥିଲା। ଭାରତର ମୁଖ୍ୟ ନିର୍ବାଚନ କମିଶନର ଓ ରାଜ୍ୟ ନିର୍ବାଚନ କମିଶନର ପ୍ରଶଂସା କରିଥିଲେ।

## ଯାତ୍ରୀବାହୀ ରେଳ ଯାତାୟାତ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**ମାର୍ଶାଘାଇ, ୭।୨ (ଡି.ଏନ.ଏ.)**

ବହୁପ୍ରତୀକ୍ଷିତ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସ୍ୱପ୍ନର ରେଳପଥ ପାରାଦୀପ-ହରିଦାସପୁର ରେଳଲାଇନ ଯାହାକି ଜିଲାକୁ ଭାରତୀୟ ରେଳ ମାନଚିତ୍ରରେ ସ୍ଥାନିତ କରିବ। ତାହାର ଅଫିସିଆଲ ଉଦ୍‌ଘାଟନ କରିବା ସହ ସେଥିରେ ଯାତ୍ରୀବାହୀ ରେଳ ଯାତାୟାତ ମଧ୍ୟ ଆରମ୍ଭ କରିବାକୁ ଭାଜପା ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ ସହ ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା କାରଣରୁ ବିଳମ୍ବିତ ହୋଇଥିବା ଏହି ଅନୁଷ୍ଠାନିକ ଉଦ୍‌ଘାଟନ ଯଥା ଶୀଘ୍ର ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ଶୁଭଦୃଷ୍ଟିରେ ଅଛି। ଯଥାଶୀଘ୍ର ଶେଷ ହେବ ବୋଲି ରେଳମନ୍ତ୍ରୀ କହିଥିବା ପଟ୍ଟନାୟକ ଜଣାଇଛନ୍ତି।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଉମାକାନ୍ତ ପଟ୍ଟନାୟକ ଦାବିପତ୍ର ଦେଉଛନ୍ତି।

# ୩ ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ

**ଆଳି,୭।୨(ଡି.ଏନ.ଏ.)**

**କେନ୍ଦ୍ରାପଡ଼ା ଜିଲା ୨ ନଂ. ଜିଲା ପରିଷଦ ଜୋନ୍**

କେନ୍ଦ୍ରାପଡ଼ା ଜିଲାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଲେଣି। ଏହିକ୍ରମରେ ଜିଲାର ଆଳି ବ୍ଲକ ୨ନଂ. ଜିଲା ପରିଷଦ ଜୋନରେ ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ଜୋନ୍ ବ୍ଲକର ନୂଆପଡ଼ା, ବାଟିପଡା, ସହିରା, ସାନମଙ୍ଗ, କଳସପୁର, ଭୂଇଁପୁର, ପଦନିପାଳ ଓ ନିଆଳ ପଞ୍ଚାୟତକୁ ନେଇ ଗଠିତ। ପ୍ରାର୍ଥୀମାନେ ନିଜ ନିଜର ରଣକୌଶଳ ପ୍ରସ୍ତୁତ କରି ସ୍ୱଳ୍ପ ସଂଖ୍ୟକ ସମର୍ଥକଙ୍କୁ ସାଙ୍ଗରେ ଧରି ଜୋନ୍‌ର ୩୫, ୫୦୮ ଭୋଟରଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ମନାଉଛନ୍ତି। ଏହି ଜୋନ୍‌ରୁ ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡିର ସୁମିତ୍ରା ସାହୁ, କଂଗ୍ରେସର ସୁପ୍ରିୟା ସାହୁଙ୍କୁ ହରାଇ ବିଜୟୀ ହୋଇଥିଲେ। ତେଣୁ ଏଥର ମଧ୍ୟ ଏହି ଆସନଟିକୁ ହାତେଇବା ପାଇଁ ବିଜେଡି ଆଶାବାଦୀ ରହିଛି। ସମୟ କହିବ, ନିର୍ବାଚନରେ କିଏ ଜିତାପଟ ନେବ।

ବିଜେଡି ପକ୍ଷରୁ ଏଥର ଭୀଷ୍ମ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଆଳି ରାଜନୀତିରେ ଭୀଷ୍ମଙ୍କ ବହୁତ ଦବ୍‌ଦବା ରହିଛି। ଏହି ଜିଲା ପରିଷଦ ଆସନ ପାଇଁ ଯଦିଓ ସେ ନୂଆ କିନ୍ତୁ ତାଙ୍କର ଦକ୍ଷତା ଯୋଗୁ ବିଜେଡି ତାଙ୍କ ଉପରେ ଭରସା କରି ସ୍ତ୍ରୀ ରଶ୍ମିତା ମହାନ୍ତିଙ୍କୁ ୨୦୦୭ରୁ ୨୦୧୨ ଓ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦରେ ବସାଇଥିଲା। ଏହି ସମୟ ମଧ୍ୟରେ ସେ ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରି ଭୋଟରଙ୍କର ନିକଟତର ହୋଇପାରିଥିଲେ। ଏହାକୁ ଆଧାର କରି ସେ ନିର୍ବାଚନ ବୈତରଣୀ ପାରି ହେବାକୁ ଚେଷ୍ଟା ଚଳାଇଛନ୍ତି। ସେହିପରି ଭାଜପା ଏହି ଆସନରୁ ପୂର୍ବ ନିର୍ବାଚନରେ ପରାଜୟ ବରଣ କରିଥିବା ପ୍ରିୟଦର୍ଶିନୀ ନନ୍ଦଙ୍କୁ ପୁଣି ପ୍ରାର୍ଥୀ କରିଛି। ପୂର୍ବ ନିର୍ବାଚନର ଅଭିଜ୍ଞତାକୁ ଆଧାର କରି ପ୍ରାର୍ଥିନୀ ନନ୍ଦ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। କଂଗ୍ରେସ ପକ୍ଷରୁ ଅଜୟ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି। ନିର୍ବାଚନରେ ସାଧାରଣତଃ ବିରୋଧୀ ଦଳର ପ୍ରାର୍ଥୀମାନେ ଏହି ଜୋନ୍‌ର ବିଭିନ୍ନ ପଞ୍ଚାୟତରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ଓ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ନିର୍ବାଚନ ଲଢୁଛନ୍ତି। ଭାଜପା ପ୍ରାର୍ଥିନୀ ନନ୍ଦଙ୍କୁ ପଚାରିବାରେ ଗତ ୨୨ ବର୍ଷ ଧରି ଲୋକମାନେ ସରକାରଙ୍କ ବିଭିନ୍ନ ଦୁର୍ନୀତିର ଅସହ୍ୟ ହୋଇ ଯନ୍ତ୍ରଣାରେ ଛଟପଟ ହେଲେଣି। ତେଣୁ ସେମାନେ ପରିବର୍ତ୍ତନ ଚାହୁଁଛନ୍ତି। ଏହି ପରିବର୍ତ୍ତନ କେବଳ ଭାଜପା ଦ୍ୱାରା ହିଁ ସମ୍ଭବ। କଂଗ୍ରେସ ପ୍ରାର୍ଥୀ ଜେନାଙ୍କୁ ପଚାରିବାରେ ଜୋନ୍‌ର ଇନ୍ଦିରା ଆବାସଠାରୁ ଆରମ୍ଭ କରି ଅନ୍ୟ ସରକାରୀ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ଆଗାମୀ ଦିନରେ ଏହା ବନ୍ଦ କରି ଲୋକମାନଙ୍କ ସେବା କରିବାକୁ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଅପରପକ୍ଷରେ ବିଜେଡି ପ୍ରାର୍ଥୀ ମହାନ୍ତିଙ୍କୁ ପଚାରିବାରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଇବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ଏହି ଜୋନ୍ ଜନସାଧାରଣ ଯେଉଁ ଦାବି କରିଛନ୍ତି ତାହା ଆଗାମୀ ଦିନରେ ନିଶ୍ଚୟ ପୂରଣ କରାଯିବ।

